# ଟିକା ପ୍ରସ୍ତୁତିରେ ଭାରତ ବହୁ ଆଗରେ: ବିଲ୍ ଗେଟ୍‌ସ

ନୂଆଦିଲ୍ଲୀ, ୧୫।୯/ଏଜେନ୍ସି: କୋଭିଡ୍-୧୯ ଟିକା ପ୍ରସ୍ତୁତି କ୍ଷେତ୍ରରେ ଭାରତ ଯଥେଷ୍ଟ ଆଗରେ ରହିଛି। ଏହି ଅଗ୍ରଗତିକୁ ଦେଖି ମାଇକ୍ରୋସଫ୍ଟର ପ୍ରତିଷ୍ଠାତା ତଥା ବିଶ୍ୱର ଅନ୍ୟତମ ଧନୀବ୍ୟକ୍ତି ବିଲ୍ ଗେଟ୍‌ସ କହିଛନ୍ତି ବିଶ୍ୱକୁ ଟିକା ଉତ୍ପାଦନ କ୍ଷେତ୍ରରେ ଭାରତର ସହଯୋଗ ଆବଶ୍ୟକ। ଭାରତ ବିଶ୍ୱର ଅନ୍ୟତମ ବୃହତ ଟିକା ଉତ୍ପାଦନକାରୀ ହୋଇଥିବାରୁ ବିପୁଳ ପରିମାଣର କୋଭିଡ୍ ଟିକା ପ୍ରସ୍ତୁତ କରିବା ଲାଗି ଭାରତର ସହାୟତା ଆବଶ୍ୟକ। ବିଲ୍ ଗେଟ୍ସ ଏକ ଗଣମାଧ୍ୟମ ସଂସ୍ଥାରେ ନିଜର ମତ ରଖି କହିଛନ୍ତି, ଭାରତ ଏକ ଅଗ୍ରଣୀ ଟିକା ଉତ୍ପାଦନକାରୀ ରାଷ୍ଟ୍ର। ଆମକୁ କୋଭିଡ୍-୧୯ ଟିକା ପ୍ରସ୍ତୁତ କରିବାରେ ଭାରତର ସହଯୋଗ ଆବଶ୍ୟକ। କୋଭିଡ୍-୧୯



ଟିକା ପାଇଁ ଆବଶ୍ୟକୀୟ କିଛି କ୍ଷମତାର ଉପଲବ୍ଧତା ପାଇଁ ବିଶ୍ୱ ଭାରତ ଉପରେ ଦୃଷ୍ଟି ରଖିଛି। ବିଲ୍ ଗେଟ୍ସ ଆହୁରି ବି କହିଛନ୍ତି ଯେ ଆସନ୍ତାବର୍ଷ ଭାରତରେ କୋଭିଡ୍-୧୯ ଟିକା ବାହାରିବାର ଅନେକ ସମ୍ଭାବନା ରହିଛି। ଭାରତ ଯଥାସମ୍ଭବ ଏହି ଟିକା ତୁରନ୍ତ ବାହାର କରୁ ବୋଲି ଆମେ ସମସ୍ତେ ଚାହୁଁଛୁ।

ନିତିଦିନ NITIDIN Wed, Sep 16, 2020
http://odishanewsnitidin.com